# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 20 March - 2024

### News Editor : Tapan Kumar Maharana

**********************************

## ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇ ଆଜି ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ହେଲା ବିଜ୍ଞପ୍ତି

- ସଖୀ ବୁଥ ଜରିଆରେ ମହିଳା ମତଦାନ ହାର ବୃଦ୍ଧି ଉପରେ ଗୁରୁତ୍ୱ ଦେଲେ ମୁଖ୍ୟ ନିର୍ବାଚନ ଅଧିକାରୀ

- ଗତ ଦୁଇଦିନ ଧରି କଟକ-ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗିରହିଛି ବର୍ଷା

– ୧୪ଟି ଜିଲ୍ଲାକୁ ଅରେଞ୍ଜ ଓ ୧୨ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କଲା ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ

ଏବଂ

- ଲଗାଣ ବର୍ଷା ଯୋଗୁଁ ପର୍ଯ୍ୟଟକଙ୍କ ପାଇଁ ଆଜି ବନ୍ଦ ରହିଛି ଶିମିଳିପାଳ ଅଭୟାରଣ୍ୟ

*Desk*

# ଲୋକସଭା ପୋଲ୍-ନୋଟିଫିକେସନ

ନିର୍ବାଚନ କମିଶନ୍ ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିଛି । ଏହି ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନରେ ମତଦାନ ହେବ । ତାମିଲନାଡୁର ୩୯ଟି ଆସନ, ରାଜସ୍ଥାନର ୧୨, ଉତ୍ତରପ୍ରଦେଶର ୮, ମଧ୍ୟପ୍ରଦେଶର ୬, ଉତ୍ତରାଖଣ୍ଡ, ଆସାମ ଓ ମହାରାଷ୍ଟ୍ରର ୫ଟି ଲେଖାଏଁ ଆସନ, ବିହାରର ୪, ପଶ୍ଚିମବଙ୍ଗର ୩, ଅରୁଣାଚଳ ପ୍ରଦେଶ, ମଣିପୁର ଓ ମେଘାଳୟର ୨ଟି ଲେଖାଏଁ ଆସନ ଏବଂ ଛତିଶଗଡ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଜାମ୍ମୁକାଶ୍ମୀର, ଲାକ୍ଷାଦ୍ୱୀପ ଓ ପୁଡୁଚେରୀର ଗୋଟିଏ ଲେଖାଏଁ ଆସନରେ ପ୍ରଥମ ପର୍ଯ୍ୟାୟରେ ମତଦାନ ହେବ । ପ୍ରାର୍ଥିପତ୍ର ଦାଖଲ ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ । ତେବେ ବିହାର ପାଇଁ ପ୍ରାର୍ଥିପତ୍ର ଦାଖଲର ଶେଷଦିନ ୨୮ ତାରିଖ ରହିଛି । ଏହି ଦିନ ପ୍ରାର୍ଥିପତ୍ରଗୁଡ଼ିକୁ ଯାଞ୍ଚ କରାଯିବ ଓ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ୩୦ ତାରିଖ ରହିଛି । ବିହାରରେ ୩୦ ତାରିଖ ଦିନ ପ୍ରାର୍ଥିପତ୍ରଗୁଡ଼ିକୁ ଯାଞ୍ଚ କରାଯିବ ଓ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷଦିନ ଏପ୍ରିଲ୍ ୨ ତାରିଖ ରହିଛି । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ମତଦାନ ଏପ୍ରିଲ ୧୯ ତାରିଖରେ ହେବ ।

*Desk*

# ସଖୀ ବୁଥ୍

ରାଜ୍ୟର ଯେଉଁ ଅଞ୍ଚଳରେ ମହିଳାମାନଙ୍କ ମତଦାନ ହାର କମ୍ ରହୁଥିବା ଚିହ୍ନଟ କରାଯାଇଛି, ସେଠାରେ ସଖୀ ବୁଥ୍ ଖୋଲି ମହିଳା ମତଦାନ ହାର ବୃଦ୍ଧି କରାଯିବ । ଏଥିପାଇଁ ପ୍ରତି ଜିଲ୍ଲାରେ ଏହି ସଖୀ ବୁଥ୍‌ର ବ୍ୟବସ୍ଥା କରାଯିବ। ଏହି ବୁଥ୍‌ରେ ମହିଳା ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର, ସୁରକ୍ଷାକର୍ମୀ ଓ ଅନ୍ୟ କର୍ମଚାରୀଙ୍କୁ ମୁତୟନ କରାଯିବ । ଏପରିକି ଏଠାରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିୟୋଜିତ ହେବାକୁ ଥିବା ପୋଲିଂ ଏଜେଣ୍ଟ ମଧ୍ୟ ମହିଳା ରହିବେ ବୋଲି ସୂଚନା ମିଳିଛି । ଏହି କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା ମହିଳାମାନଙ୍କୁ ରାଜ୍ୟର ହସ୍ତତନ୍ତ ପୋଷାକ କିମ୍ବା ଶାଢ଼ି ପିନ୍ଧିବାକୁ ଉତ୍ସାହିତ କରାଯାଉଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି । ସମସ୍ତ ସଖୀ ବୁଥ୍‌ର ମହିଳାମାନେ ଯେପରି ସଂପୂର୍ଣ୍ଣ ସୁରକ୍ଷିତ ପରିବେଶ ମଧ୍ୟରେ କାର୍ଯ୍ୟ କରିବେ, ସେଥିପ୍ରତି ଧ୍ୟାନ ଦେବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ଧଳ କହିଛନ୍ତି ।

*Nabarangpur*

# ନବରଙ୍ଗପୁର ନିର୍ବାଚନମଣ୍ଡଳୀ

ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ନିର୍ବାଚନ ପାଇଁ ରାଜନୈତିକ ବାତାବରଣ ସରଗରମ ହେଉଛି। ଜିଲ୍ଲାରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ଆସନ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ରହିଛି।

ସେଥିମଧ୍ୟରୁ ନବରଙ୍ଗପୁର ନିର୍ବାଚନମଣ୍ଡଳୀ ୧୯୫୧ ମସିହାରେ ଗଠନ ହେବା ପରଠାରୁ ସାଧାରଣବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ହେଲେ ୨୦୦୯ ମସିହାରେ ସୀମା ପୁନଃନିର୍ଦ୍ଧାରଣ ପରେ ଏହି ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜନଜାତିବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ନବରଙ୍ଗପୁର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୩୩ ହଜାର ୩୮୪ ଜଣ ଭୋଟର ଅଛନ୍ତି। ସେମାନଙ୍କ ଭିତରୁ ୧ ଲକ୍ଷ ୧୯ ହଜାର ୪୩୩ ଜଣ ମହିଳା ଏବଂ ୨୩ ଜଣ ତୃତୀୟଲିଙ୍ଗୀ ଭୋଟର ଅଛନ୍ତି। ପ୍ରତି ହଜାରେ ପୁରୁଷ ଭୋଟରଙ୍କ ତୁଳନାରେ ୧ ହଜାର ୪୮ ଜଣ ମହିଳା ଭୋଟର ଥିବା ନେଇ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଆସନ୍ତୁ ଶୁଣିବା ଆମ ପ୍ରତିନିଧି ପ୍ରଭାତି ବିଶୋୟୀ କ'ଣ କହୁଛନ୍ତି....

**- V/O –**

***Desk***

# ନିର୍ବାଚନ ଆୟୋଗ

ନିର୍ବାଚନ ସମ୍ବନ୍ଧୀୟ ପ୍ରସାରଣରେ ଦୂରଦର୍ଶନ ଓ ଆକାଶବାଣୀର ମହତ୍ତ୍ୱକୁ ଭାରତର ନିର୍ବାଚନ ଆୟୋଗ ସ୍ୱୀକାର କରିଛନ୍ତି । ଏହି ଦୁଇ ସଂସ୍ଥାର ସୁଦୂରପ୍ରସାରୀ  ପ୍ରଭାବ ଯଥେଷ୍ଟ ରହିଛି ବୋଲି ଆୟୋଗ କହିଛନ୍ତି । ବୈଦ୍ୟୁତିକ ଗଣମାଧ୍ୟମକୁ ଠିକ୍ ଭାବେ ବ୍ୟବହାର କରାଯାଇ ପାରିଲେ, ଏହା ଦେଶର ଭୋଟରଙ୍କ ପାଇଁ ସୂଚନାର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ

ହୋଇପାରିବ ବୋଲି ସେ କହିଛନ୍ତି । ଦୂରଦର୍ଶନ ଓ ଆକାଶବାଣୀ ଭୋଟରମାନଙ୍କୁ ରାଜନୈତିକ ଦଳ, ସେମାନଙ୍କର ଚିହ୍ନ, ପ୍ରତିନିଧି ଏବଂ ନିର୍ବାଚନରେ ବିଭିନ୍ନ ପ୍ରସଙ୍ଗରେ ବ୍ୟାପକ ପ୍ରାଥମିକ ଶିକ୍ଷା ଦେଇପାରୁଛି । ଏହି ଦୃଷ୍ଟିରୁ ବିତର୍କ, ଅଭିଯାନ, ସମ୍ବାଦ ସଂଗ୍ରହ ଆଦି ସଂପର୍କରେ ମତଦାତାଙ୍କ ସୂଚନାର ଏହା ସବୁଠାରୁ ବଡ଼ ଉତ୍ସ ଭାବେ ସ୍ୱତନ୍ତ୍ର ସ୍ଥାନ ନେଇଛି ବୋଲି ଆୟୋଗ ମତପ୍ରକାଶ କରିଛନ୍ତି ।

***Desk***

## ପାଣିପାଗ

ଗତ ଦୁଇଦିନ ଧରି କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଲାଗି ରହିଛି । ଫଳରେ ଜନଜୀବନ ପ୍ରଭାବିତ ହୋଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଢେଙ୍କାନାଳର ଗନ୍ଦିଆରେ ସର୍ବାଧିକ ୭୨ ଦଶମିକ ୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ସେହିପରି ଭୁବନରେ ୭୨ ମିଲିମିଟର, ଆଠମଲ୍ଲିକରେ ୬୮ ମିଲିମିଟର ଏବଂ କନ୍ଧମାଳରେ ୬୬ ଦଶମିକ ୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।

ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଥିବାବେଳେ ୧୪ଟି ଜିଲ୍ଲାକୁ ଅରେଞ୍ଜ ଓ ୧୨ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଗଞ୍ଜାମ, ଗଜପତି, ରାୟଗଡା, ପୁରୀ, ବୌଦ୍ଧ, ଅନୁଗୁଳ, କଟକ, ଖୋର୍ଦ୍ଧା, ନୟାଗଡ ଓ କନ୍ଧମାଳ, ଯାଜପୁର, ବରଗଡ, ମୟୁରଭଞ୍ଜ ଓ କେନ୍ଦୁଝର ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବାବେଳେ ନୂଆପଡା,

ବରଗଡ, ବଲାଙ୍ଗୀର, ସୋନପୁର, ଝାରସୁଗୁଡା, ସୁନ୍ଦରଗଡ ଏବଂ ସମ୍ବଲପୁର ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।  ଆଗାମୀ ୩ ଘଣ୍ଟା ମଧ୍ୟରେ ବିଜୁଳି, ଘଡଘଡି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

***HS***

## ଆଜି ଶିମିଳିପାଳ ବନ୍ଦ

ଲଗାଣ ବର୍ଷା ଯୋଗୁଁ ପର୍ଯ୍ୟଟକଙ୍କ ପାଇଁ ଆଜି ଶିମିଳିପାଳ ବନ୍ଦ ରହିଛି । ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ଶିମିଳିପାଳ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ଆସନ୍ତାକାଲି ପାଣିପାଗକୁ ଦେଖିବା ପରେ ଶିମିଳିପାଳ ଦର୍ଶକଙ୍କ ଲାଗି ଖୋଲାଯିବ କି ନାହିଁ ସେ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ଶିମିଳିପାଳ ବ୍ୟାଘ୍ରସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ସୂଚନା ଦେଇଛନ୍ତି ।

***Desk***

## ହାତୀ ସୁରକ୍ଷା ପାଇଁ ଶାଳିଆ ବାଉଁଶ ଚାଷ

ରାଜ୍ୟରେ ହାତୀ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା 'ସେଭ୍ ଏଲିଫ୍ୟାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ' ଚଳିତ ବର୍ଷ ସୁନ୍ଦରଗଡ଼ ଜିଲ୍ଲା  ବଣାଇ ଡିଭିଜନ୍‌ର ବିଭିନ୍ନ ଜଙ୍ଗଲରେ ହାତୀଙ୍କ ଖାଦ୍ୟାଭାବ ଦୂର କରିବା ପାଇଁ ଶାଳିଆ ବାଉଁଶ ଚାଷ ଉପରେ ଗୁରୁତ୍ୱ ଦେଉଛି । ସେଥିପାଇଁ ସେଠାରେ ସିଡ୍ ବଲ୍ ବୁଣିବା ଲାଗି ପ୍ରଥମଥର ପାଇଁ ଡ୍ରୋନ୍ ବ୍ୟବହାର କରାଯିବ ବୋଲି ଜଣାପଡ଼ିଛି ।

ଇତିମଧ୍ୟରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ରଙ୍ଗମାଟିଆ ଜଙ୍ଗଲରେ ୧୦ ହଜାର ସିଡ୍ ବଲ୍ ପ୍ରସ୍ତୁତ ହେଉଛି। ହାତୀ ରହୁଥିବା ଜଙ୍ଗଲଗୁଡ଼ିକରେ ଶାଳିଆ ବାଉଁଶ ଚାଷ କରାଗଲେ ପରିସଂସ୍ଥାନ ସୁରକ୍ଷିତ ରହିବା ସହ ସେମାନଙ୍କ ଲାଗି ଖାଦ୍ୟ ସୁନିଶ୍ଚିତ ହୋଇପାରିବ। ଫଳରେ ହାତୀଗୁଡ଼ିକ ଆଉ ଜନବସତି ମୁହାଁ ହେବେନି ବୋଲି ପ୍ରାଣୀ ବିଶେଷଜ୍ଞମାନେ ମତ ଦେଉଛନ୍ତି।

ସୂଚନାଯୋଗ୍ୟ, ପ୍ରଥମଥର କରି ବାଲେଶ୍ୱର ଜିଲ୍ଲା ଜଳେଶ୍ୱରର ଲୁହାପଡ଼ା ଜଙ୍ଗଲ ଓ ପଶ୍ଚିମବଙ୍ଗର କେଶରେଖା ହାତୀଟପ୍ ଜଙ୍ଗଲରେ ଶାଳିଆ ବାଉଁଶ ଚାଷ ହେଉଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏହା ବଣେଇରେ ହେବାକୁ ଯାଉଛି।

***Desk***

## ପଖାଳ ଦିବସ

ଆଜି ପଖାଳ ଦିବସ। ପ୍ରତିଟି ଓଡ଼ିଆଙ୍କ ପ୍ରିୟ ଖାଦ୍ୟ ହେଉଛି ପଖାଳ। ବିଶ୍ୱର କୋଣଅନୁକୋଣରେ ଥିବା ପ୍ରତ୍ୟେକ ଓଡ଼ିଆଏହି ଦିବସ ପାଳନ କରିବାକୁ ଅନାଇ ବସିଥାନ୍ତି। ଗାଁଠୁ ସହର ସବୁ ଆଡ଼େ ଓଡ଼ିଆ ଲୋକ ପଖାଳ ଖାଇଥାନ୍ତି। ଏହି ଦିବସକୁ ଅଧିକ ଆକର୍ଷଣ କରିବା ପାଇଁ ବଡ଼ ବଡ଼ ତାରକା ହୋଟେଲ ଓ କ୍ଲବ ଆଦି ସ୍ଥାନରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

*Desk*

# ବିଶ୍ୱ ଘରଚଟିଆ ଦିବସ

ଆଜି ହେଉଛି ବିଶ୍ୱ ଘରଚଟିଆ ଦିବସ। ପ୍ରକୃତିକୁ ସନ୍ତୁଳନ ରଖିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାରା ବିଶ୍ୱରେ ୪୩ ପ୍ରକାର ଘରଚଟିଆ ଥିବା ଜଣାପଡ଼ିଛି। ସବୁଆଡ଼େ ପକ୍କାଘର ତିଆରି ହୋଇଯାଉଥିବାରୁ ଏମାନଙ୍କୁ ଆଉ ପ୍ରାୟତଃ ଚାଳରେ ବସିବା ଦେଖିବାକୁ ମିଳୁନାହିଁ। ମୋବାଇଲ ଟାୱାର ବିକିରଣ, ଖାଦ୍ୟାଭାବ ଯୋଗୁଁ ଏମାନଙ୍କ ସଂଖ୍ୟା ହ୍ରାସ ପାଉଛି। ତେଣୁ ଏହି କ୍ଷୁଦ୍ର ପକ୍ଷୀଟିର ସୁରକ୍ଷା ପାଇଁ ପ୍ରାଣୀ ସଂଗଠନ ପକ୍ଷରୁ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଆଜି ବିଭିନ୍ନ ସ୍ଥାନରେ ଏହି ଉପଲକ୍ଷେ କର୍ମଶାଳା ଓ ସଭାସମିତିମାନ ଆୟୋଜନ କରାଯାଉଛି।